India Media Monitor


# Utkal Mail

## Daiwik Hotels Shirdi introduces â€˜Special Holiday Packages\'

**Date: 09/06/2015 | Edition: Bhubaneshwar | Page: 2 | Source: Bureau | Clip size (cm): W: 15 H: 13**

Clip: 1 of 1


# ଦୈବିକ୍ ହୋଟେଲ୍ସ ସିରିଡ଼ି

## ଉନ୍ମୋଚନ କରିଛି 'ସ୍ୱତନ୍ତ୍ର ହଲିଡେ ପ୍ୟାକେଜ୍‌ମାନ'

ଭୁବନେଶ୍ୱର : କଲିକତା ସ୍ଥିତ ଦୈବିକ୍ ହୋଟେଲ୍ସର ଅନ୍ୟ ଏକ ସମ୍ପତ୍ତି, ଦୈବିକ ହୋଟେଲ୍ସ ସିରିଡ଼ି, ଯାହାକି ଭାରତର ପ୍ରଥମ ୪ ଷ୍ଟାର୍ ସେବା ବିଶିଷ୍ଟ ତୀର୍ଥଯାତ୍ରୀ ହୋଟେଲ୍‌ର ସ୍ପେସିଆଲିଟି ଚେନ୍, ସିରିଡ଼ିରେ ଛୁଟି ଦିନକୁ ଧ୍ୟାନରେ ରଖି ଉନ୍ମୋଚନ କରିଛି "ସ୍ୱତନ୍ତ୍ର ହଲିଡେ ପ୍ୟାକେଜ୍"। ଏହି ପ୍ୟାକେଜ୍‌ଟି ମଇ ୨୦୧୫ରୁ ଅକ୍ଟୋବର ୨୦୧୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସିରିଡ଼ିରେ ସ୍ୱତନ୍ତ୍ର ହଲିଡେ ଅଫର୍ ଚାଲିଥିବା ସମୟରେ ଧାର୍ମିକ ବ୍ୟକ୍ତିମାନଙ୍କ ସମେତ ଅନ୍ୟମାନେ ମଧ୍ୟ ସିରିଡ଼ି ଜିଲ୍ଲାର ଧାର୍ମିକ ଇତିହାସକୁ ଜାଣିପାରିବେ ଏବଂ ଏହାର ନିକଟରେ ଅବସ୍ଥିତ ଅନ୍ୟାନ୍ୟ ଧାର୍ମିକ ସ୍ଥଳୀ, ଯଥା ନାସିକ୍, ଓରଙ୍ଗାବାଦ୍ ଏବଂ ମୁମ୍ବାଇ ଭ୍ରମଣ କରିପାରିବେ। ଏହି ଏକ୍ସ-ସିରିଡ଼ି ପ୍ୟାକେଜ୍ ଗୁଡ଼ିକ ୨ ରାତି/୩ ଦିନ ଏବଂ ୩ ରାତି/ ୪ ଦିନ ଫର୍ମାଟ୍‌ରେ ଉପଲବ୍ଧ ଅଛି, ଯାହା ଯାତ୍ରୀମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଅଛି। ଯେଉଁଠି ଭାରତୀୟ ଭ୍ରମଣକାରୀମାନେ ସେମାନଙ୍କର ବ୍ୟସ୍ତ ସହରରୁ ବାହାରି ଏକ ସୌନ୍ଦର୍ଯ୍ୟମୟ ସ୍ଥାନ ଭ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ଦୈବିକ ହୋଟେଲ୍ସ ପ୍ରସ୍ତୁତ କରିଛି ଏକ ଉପଯୁକ୍ତ ତୀର୍ଥ-ଅନୁକୂଳ ପରିବେଶ, ଯାହା ଭ୍ରମଣକାରୀମାନଙ୍କର ଯାତ୍ରାକୁ ଅଧ୍ୟାତ୍ମିକ କାୟାକଳ୍ପରେ ଆଦର୍ଶମୟ ବନାଇବ। ଏହି ଅଫର୍‌ଟି ଖାସ କରି ଯାତ୍ରୀମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଅଛି, ଯେଉଁମାନେ କି ସେମାନଙ୍କର ପରିବାର ସହିତ କିଛି ସମୟ ବିତାଇବା ପାଇଁ ଏଠାକୁ ଆସିଥାଆନ୍ତି। ନିଲ୍‌ସନ୍ ରିପୋର୍ଟ ଅନୁସାରେ, ଏପ୍ରିଲ୍ ୨୦୧୩ରୁ ମାର୍ଚ୍ଚ ୨୦୧୪ ମଧ୍ୟରେ ୯.୯ ଲକ୍ଷ ଯାତ୍ରୀ ସିରିଡ଼ି ଭ୍ରମଣ କରିବାକୁ ଆସିଥିଲେ। ଦୈବିକ୍ ହୋଟେଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଭାରତର ପ୍ରଥମ ୪ ଷ୍ଟାର ସେବା ପ୍ରଦ ସ୍ପେସାଲିଟି ଚେନ୍ ପିଲିଗ୍ରିମ୍ ହୋଟେଲ୍ସ ଅଟେ। ଏହା ପ୍ରଥମ କରି ଦେଶରେ ତୀର୍ଥଯାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ସେବା ପ୍ରଦାନର ବିଷୟ ଆରମ୍ଭ କରିଥିଲା। ବୁଦ୍ଧିମାନ ତୀର୍ଥଯାତ୍ରୀମାନଙ୍କର ଆବଶ୍ୟକତାକୁ ପୂରଣ କଲାଭଳି ଅଭିଜ୍ଞତା ଆଧାରତ ସେବା ଏହି ଦୈବିକ୍ ହୋଟେଲ୍‌ରେ ପ୍ରଦାନ କରାଯାଏ। ଭାରତରେ ଆହୁରି ଅନେକ ତୀର୍ଥସ୍ଥଳରେ ହୋଟେଲ୍ ଖୋଲିବାର ଯୋଜନା ରଖିଛି ଦୈବିକ୍ ହୋଟେଲ୍ସ। ସର୍ବପ୍ରଥମେ ଏହି ତୀର୍ଥଯାତ୍ରୀ ହୋଟେଲ୍ ତାମିଲ୍‌ନାଡୁର ରାମେଶ୍ୱରମ୍‌ରେ ଏବଂ ପରେ ମହାରାଷ୍ଟ୍ରର ସିରିଡ଼ିଠାରେ ଖୋଲା ଯାଇଥିଲା।